


# ଗୋଆ ଅଗ୍ନିକାଣ୍ଡ : ପ୍ରଶାସନିକ ନିଷ୍କ୍ରୀୟତା


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ଗୋଆର ଆରୁପୁରାରେ ଏକ ନାଇଟ୍ କ୍ଲବରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୫ଜଣ ଜୀବନ୍ତ ଦଗ୍ଧ ହେବା ଘଟଣା ପୁଣି ଥରେ ଦେଶରେ ଅଗ୍ନି ନିରାପତା ମାନର ଅପରାଧିକ ଅବହେଳା ନେଇ ଧ୍ୟାନ ଆକର୍ଷଣ କରିଛି । କହିବା ବାହୁଲ୍ୟ ଯେ, ଆମ ଦେଶରେ ହୋଟେଲ, ରେଷ୍ଟୁରାଂଟ, ପବ୍, କ୍ଲବ, ସିନେମା ହଲ୍, ଡାକ୍ତରଖାନା, ଆପାର୍ଟମେଂଟ, ଯାତ୍ରୀବାହୀ ବସ୍ ଆଦି ସର୍ବସାଧାରଣଙ୍କ ଗହଳି ଚହଳି ଲାଗି ରହିଥିବା ସ୍ଥାନରେ ବ୍ୟାପକ ଅଗ୍ନି ନିରୋଧକ ବ୍ୟବସ୍ଥା ଗ୍ରହଣ ପାଇଁ ବାଧ୍ୟତାମୂଳକ ରହିଛି । ଏଥିରେ ଅବହେଳା ପାଇଁ ଆଇନରେ କଠୋର ଦଣ୍ଡ ବ୍ୟବସ୍ଥା ରହିଛି । କିନ୍ତୁ ଏଥିପ୍ରତି ପ୍ରଶାସନ, ପୋଲିସ କେହି ଗୁରୁତ୍ୱ ଦେଇନଥାନ୍ତି । କେବଳ ଘଟଣା ଘଟିବା ପରେ ସମସ୍ତଙ୍କର ଚେତା ପଶିଥାଏ । ତେବେ ପ୍ରଶାସନ କେବଳ କିଛି ଦିନ ପାଇଁ ସଜାଗ ହୋଇଥାଏ । ଧରପଗଡ କରିଥାଏ । ପୁଣି ସବୁ କିଛି ନୀରବି ଯାଇଥାଏ । ବେଆଇନ ଭାବେ ନାଇଟ୍ କ୍ଲବ ପରିଚାଳନା ଏବଂ ସମସ୍ତ ଅଗ୍ନିନିରୋଧକ ଆଇନଗତ ବ୍ୟବସ୍ଥାକୁ ଉଲଂଘନ କରିଥିବା ଅଭିଯୋଗରେ କ୍ଲବର ମାଲିକଙ୍କୁ ଗିରଫ କରି ଜେଲକୁ ପଠାଇ ଦିଆଯାଇଛି । ଗୋଆ ମୁଖ୍ୟମନ୍ତ୍ରୀ ଘଟଣାର ମାଜିଷ୍ଟ୍ରେଟ ସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହା ନିସନ୍ଦେହ ଯେ, ଆମ ଦେଶରେ ହୋଟେଲ, ରେଷ୍ଟୁରାଂଟ, କ୍ଲବ ପବ୍, ସିନେମା ହଲ, ଡାକ୍ତରଖାନା, ବଡ ବଡ କୋଠା, ଯାତ୍ରୀବାହୀ ବସରେ ଅଗ୍ନିକାଣ୍ଡ ଏବଂ ମୃତାହତ ଘଟଣା ନୂଆ ନୁହେଁ । ଏହା ଏକ ଜଣାଶୁଣା ଦୁର୍ଭାଗ୍ୟଜନକ ଘଟଣା । ନିଆଁ ଲାଗେ, ବହୁ ମୃତାହତ ହୁଅନ୍ତି, କେତେକଙ୍କୁ ଗିରଫ କରାଯାଏ, ଗିରଫ ପରୱାନା ଜାରି ହୁଏ, ତଦନ୍ତ ନିର୍ଦ୍ଦେଶ ଦିଆଯାଏ, ମାତ୍ର କିଛି ଫଳ ହୁଏ ନାହିଁ । ଦେଶରେ ପ୍ରତିବର୍ଷ କେଉଁଠି ନାଁ କେଉଁଠି ସର୍ବସାଧାରଣ ସ୍ଥାନରେ ଅଗ୍ନିକାଣ୍ଡ ଘଟି ଆସୁଛି । ଜାତୀୟ ରାଜଧାନୀ ଦିଲ୍ଲୀର କେତେକ ହସ୍‌ପିଟାଲରେ ବାରମ୍ବାର ଅଗ୍ନିକାଣ୍ଡ ଘଟିବା ହେଉଛି ଏହା ଜ୍ୱଳ' ଉଦାହରଣ । ଗତବର୍ଷ ରାଜକୋଟରେ, ନିକଟରେ ଜୟପୁରର ସ୍ୱାମୀ ମାନସିଂହ ହସପିଟାଲ, ତାମିଲନାଡୁର ବିରୁଦ୍ଧୁନଗରସ୍ଥିତ ଏକ ବାଣ କାରଖାନା, କୋଲକତାର ଏକ ଆପାର୍ଟମେଂଟ, ଆନ୍ଧ୍ର ପ୍ରଦେଶର କୁର୍ଣ୍ଣୁଲରେ ଏକ ରାତ୍ରିକାଳୀନ ଯାତ୍ରୀ ବସ, ଦେଶବ୍ୟାପୀ ବିଭିନ୍ନ ହସପିଟାଲ, ସପିଂମଲରେ ଅଗ୍ନିକାଣ୍ଡ ଲିଭି ନାହିଁ । ଏହି ସବୁ ଅଗ୍ନିକାଣ୍ଡ ଘଟଣାରେ ଶତାଧିକ ଲୋକଙ୍କର ମୃତ୍ୟୁ ଘଟିଥିବାବେଳେ ମନରୁ ଲିଭି ନାହିଁ । ୮୦ ଦଶକରେ ଦିଲ୍ଲୀର ଉପହାର ସିନେମା ହଲରେ ଅଗ୍ନିକାଣ୍ଡ ଘଟଣା ନେଇ ମାମଲା ଏବେ ବି ଚାଲିଛି । କହିବା ବାହୁଲ୍ୟ ଯେ, ଅଗ୍ନି ନିରାପତା ବ୍ୟବସ୍ଥା ନେଇ ଆମ ଦେଶ ତଥା ରାଜ୍ୟମାନଙ୍କରେ ସ୍ୱତନ୍ତ୍ର ମାନଦଣ୍ଡ ଏବଂ ଆଇନ ରହିଛି । ମାତ୍ର ତାହା କାର୍ଯ୍ୟକାରୀ ହେଉନାହିଁ କିମ୍ବା ତଦାରଖ ହେଉନାହିଁ । ଅଗ୍ନି ନିରାପତା ବ୍ୟବସ୍ଥାର ଉଲଂଘନ ଯୋଗୁଁ ଆକସ୍ମିକ ଅଗ୍ନିକାଣ୍ଡ ଘଟଣାରେ ବହୁ ଧନଜୀବନ ଯିବା ସାର ହେଉଛି । ଏହା ସତ୍ୟ ଯେ, ବିଲିଂ କୋଡ, ଅଗ୍ନି ସୁରକ୍ଷା ମାନଦଣ୍ଡ, ଲାଇସେନସ୍ ବ୍ୟବସ୍ଥା ଏବଂ ସର୍ବୋପରି ଏ ସଂକ୍ରାନ୍ତିୟ ଆଇନ କେବଳ କାଗଜପତ୍ରରେ ସୀମିତ ରହିଛି । ଦୁର୍ନୀତି, ରାଜନୈତିକ ହସ୍ତକ୍ଷେପ, ପ୍ରଶାସନିକ ନିଷ୍କ୍ରୀୟତା ଆଦି ଏଥିପାଇଁ ଦାୟୀ ବୋଲି କୁହାଯାଇପାରିବ । ଆହୁରି ମଧ୍ୟ ଆଇନ ଉଲଂଘନ ଏବେ ଏକ ନିୟମିତ ପରମ୍ପରାରେ ହୋଇଛି । ଏଥିଲାଗି ଅଗ୍ନିକାଣ୍ଡ ଘଟଣା ଘଟିଚାଲିଛି । ଆମ ରାଜ୍ୟରେ ମଧ୍ୟ ଅଗ୍ନିକାଣ୍ଡ ଘଟଣା କିଛି କମ୍ ନୁହେଁ । ହସପିଟାଲ ଠାରୁ ଆରମ୍ଭ କରି ସପିଂ ମଲରେ ଅଗ୍ନିକାଣ୍ଡ ଘଟି ବହୁ ଧନଜୀବନ ଯାଇଛି । ଗୋଆ ନାଇଟ୍ କ୍ଲବ ଅଗ୍ନିକାଣ୍ଡ ଘଟଣା ପରେ ଏବେ ଆମ ରାଜ୍ୟରେ ପ୍ରଶାସନ ସକ୍ରୀୟ ହୋଇପଡିବା ସହ କ୍ଲବ, ପବ୍, ହସପିଟାଲ ଆଦିରେ ଅଗ୍ନି ନିରାପତା ବ୍ୟବସ୍ଥା ଯାଂଚ ପାଇଁ ତତ୍ପରତା ପ୍ରକାଶ କରିଛି । ତେବେ ଏହି ତତ୍ପରତା ନିୟମିତ ହେବା ଆବଶ୍ୟକ । ଆହୁରି ମଧ୍ୟ ଲୋକଙ୍କ ଜୀବନ ସୁରକ୍ଷାକୁ ସରକାର ଅଗ୍ରାଧିକାର ଦବା ସହ ଉତରଦାୟୀ ଧାର୍ଯ୍ୟ ହେବା ଜରୁରୀ । ଯାହାକି ଅଗ୍ନିକାଣ୍ଡ ପରି ବିପଦକୁ ଏଡାଇ ପାରିବ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

# ଭାଇ ଭଗାରୀ


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବ୍ୟକ୍ତ ନୁହଁନ୍ତି, ସମୟ କରାଏ, ଏହା ଅନେକ ବାର ପ୍ରମାଣ ହୋଇଥିଲେ ବି ବୁଦ୍ଧିମାନ ମନୁଷ୍ୟମାନେ ଏହାକୁ ମାନି ପାରୁନାହାନ୍ତି । ସୁଖରେ ଦୁଃଖରେ ସମ ଭାବ, ଏହା ଗୁରୁଜ୍ଞାନ ଚେତାଇଲେ ବି, ଏହା ବି ସମୟକୁ ସ୍ରୋତସ୍ୱିନୀ ହେଉଛି । ସମୟ ବଡ଼ ବଳବାନ ଏହା ସର୍ବଦା ବୁଝାପଡୁଛି, ମାଟି ପଡ଼ିଛି, କେତେ ରାଜା ଜମିଦାର ଗଲେଣି, ହେଲେ ଭୂମିମାପ ସରୁନାହିଁ ବଂଟରା କଳି ଚାଲିଛି, ମାପରେ କେବେ ବି କେହି ସନ୍ତୋଷ ନୁହଁନ୍ତି, ବୁଝାଇବ ଯିଏ, ସେ ବି ସ୍ୱାର୍ଥ ଛାଡୁନାହାନ୍ତି । ଏକ ବିଛଣାରେ ଶୟନ କରିଥିବା ଏକ ରାଜ ପରିବାର ପିଲା ବଡ଼ ହୋଇ ରାମ-ଭରତ ଭଗାରୀ, ନଳରାଜ - ପୁଷ୍କର ଭଗାରୀ, ଦୁର୍ଯ୍ୟୋଧନ-ଯୁଧିଷ୍ଠିର ଭଗାରୀ । ଏମିତି କେତେ, ଏକ ମା-ବାପାଙ୍କ ସନ୍ତାନ ସନ୍ତତି, ଏକ ମା, ବାପା ଭିନ୍ନ, ଏକବାପ ମା ଭିନ୍ନ, ଏମାନଙ୍କ ସନ୍ତାନ ବାପା ମାଙ୍କ ସମ୍ପତି ଧନ ପାଇଁ ଭାଇ ଭଉଣୀ ହୋଇ ପିଲାମାନେ ଏକ ମନ ଏକ ପ୍ରାଣରେ, ଖେଳ ସାଥି ରହି, ସାଥିରେ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଯିବା ଏତେ ମିଳାମିଶା ଆତ୍ମୀୟତା ଥାଇକି ପରିସ୍ଥିତି ଭଗାରୀ ସମୟକୁ କରୁଛି । ମୃଗ କାକ ବନ୍ଧୁତ୍ୱରେ ଶୃଗାଳ ଉପସ୍ଥିତି ହେଲା, ମୃଗ ଏ ନବ ବନ୍ଧୁ ମିମାଂସା ନକରି ପ୍ରାଣ ସଂଶୟକୁ ଚାଲିଯାଇଥିଲା ବେଳେ କାକ ଦ୍ୱାରା ରକ୍ଷା ପାଇବା ନଜିର ଶାସ୍ତ୍ରରେ ଅଛି । ଆଜିକାଲି ବହୁ ଶୃଗାଳ, 'ଶ୍ରୁ-ଗାଳ' ଆଗ ଆଗ ଆତ୍ମୀୟତା ଲଗାଇ ସ୍ୱ ସ୍ୱାର୍ଥର ଦିଗକୁ ଉଣ୍ଡିନେଇ, ଶୁଣି ନେଇ, ଆରମ୍ଭ କରନ୍ତି ବିଷ ସ୍ଲୋ ପଏଜନ, ମିଠା ବିଷ, ଲୋକ ବୁଝିନପାରି, ସର୍ବହରା, ସର୍ବହରା ଶେଷରେ ହୋଇ କୁଳ ଦରାଣ୍ଡିଥାନ୍ତି । ଭଗାରୀ ସାଧନ ପାଇଁ କେବେ ଗୁଣ୍ଡା ପୋଷଣ, କେବେ ନିଜର ଗୁଣ୍ଡାମୀ, ଅସ୍ତ୍ର, ଅଗ୍ନି ବିଷର ସହାୟତା, ପୋଲିସ, ଅଦାଲତ ନିଶାପ ମିଥ୍ୟା ହଲାପ ଛିଦ୍ର ଅନ୍ୱେଷଣ ପଥ ଖୋଜ କରାଯାଏ । ପରମ ସତ୍ୟ ମୃତ୍ୟୁ ଏକଥା ସମସ୍ତେ ଜାଣନ୍ତି, ହେଲେ ଅଢ଼େଇ ଦିନକୁ ବଢ଼େଇ ସମସ୍ତେ କରୁଛନ୍ତି । ଲୋକେ ପାଠ ପଢ଼ି ଶିକ୍ଷିତ, ଉଚ୍ଚଶିକ୍ଷିତ, ଉଚ୍ଚତର ଜ୍ଞାନୀ ହେଉଛନ୍ତି, ଏ ଜ୍ଞାନ ଦେଇଛନ୍ତି, ମା' ସରସ୍ୱତୀ, ସାରଦା, ବରପୁତ୍ର ରୂପେ ସେ ପ୍ରତିଷ୍ଠା କରାଇଛନ୍ତି, ଧନ ଦେଇଛନ୍ତି, ବହୁ ବିଷୟ ସମ୍ପତି ଜମିଜମା ପଦବୀରେ ରଖାଇଛନ୍ତି ମା'ଲକ୍ଷ୍ମୀ, ରାଜଲକ୍ଷ୍ମୀ, ବିଜ୍ଞଲକ୍ଷ୍ମୀ । ଏଇ ଦୁଇ ଜ୍ୟେଷ୍ଠ, ଶ୍ରେଷ୍ଠ କରାଇଛନ୍ତି କ'ଣ ତାଙ୍କର ଅନ୍ୟ ସନ୍ତାନମାନଙ୍କୁ କଷ୍ଟ ଦେବାକୁ ? ପଥ ଏକ ହେଲେ ବି ଯାନ ଗୁଡ଼ିକର ଲମ୍ୱାଚୌଡ଼ା କେବେ ଏକାନୁହଁ ବେଗ ଏକାନୁହଁ, ଏହା ସମସ୍ତେ ଦେଖୁଛନ୍ତି । ଏଇଥିରୁ କ'ଣ ବୁଝି ପାରୁନାହାଁନ୍ତି, କେ ଅନପଢ଼ କେ ଦରିଦ୍ର, କେ ଅପାରଗ, ସେ ପ୍ରଗତିରେ ଦଉଡିପାରୁ ନାହିଁ । ତାକୁ ମାତୃ ସନ୍ତାନ ନିଜ ଅପାରଗ ଭାଇ ଭାବି ଯଦି ଆଗେଇ ନେବାକୁ ଚେଷ୍ଟା କରନ୍ତି ତେବେ ସେ ଦେବୀ ମା'ମାନେ କଣ ରୁଠା ହୋଇଯିବେ କି? କେବେ ଯିବା ଶୁଣିଛନ୍ତି କି? ଅନପଢ଼ ଜ୍ଞାନୀ, ଦରିଦ୍ର ଧନୀ ଏକ ପୃଥିବୀ ମାତାଙ୍କ ସନ୍ତାନ, ଏକ ସରସ୍ୱତୀ ମାଙ୍କ ସନ୍ତାନ, ଏକ ଲକ୍ଷ୍ମୀ ମାଙ୍କ ସନ୍ତାନ । ସନ୍ତାନ କେତେ ପ୍ରକାରର ହୋଇଥାନ୍ତି, ପଢ଼ିବା ବିଦ୍ୟାର ଦିଗ ହୁଏତ ଜଣା ନାହିଁ, ଭଲ କରି ଧର୍ମ ଶାସ୍ତ୍ର ପାଠ କଲେ ବା ପାଠ କରିଥିବାଲୋକ ସଙ୍ଗତି କଲେ ବୁଝି ପାରିବେ । ମନ୍ଦିର ମସଜିଦ, ଗୀର୍ଜା, ଗୁରୁଦ୍ୱାର, ଚଂଳମନ, ଭ୍ରାନ୍ତିମନ, ବିଦ୍ରୋହୀ ମନକୁ ବାଟକୁ ଆଣିବା ପାଇଁ ଏକ ଏକ ମାନସିକ ଡାକ୍ତରଖାନା, ଚିକିତ୍ସାଳୟ, ସେଠାରେ ପାର୍ଶ୍ୱ ଉପାସନାକାରୀ ଏପରିକି ବାହାରେ କିଛି ପ୍ରାପ୍ତି ଆଶାୟୀ ସବୁ ସେହି ଈଶ୍ୱରଙ୍କ ସନ୍ତାନ ସମସ୍ତେ ଭାଇଭାଇ, ଭାଇ ଭଉଣୀ, ଭଉଣୀ ଭଉଣୀ, ଏ ଚେତନା କିଏ ଦେବ ଏ ସମସ୍ତଙ୍କ ହୃଦୟର ଭାବ ହେଲେ ଦେବତା ସଂସାରରେ ନିଶ୍ଚିତ ଅମୃତ ବର୍ଷଣ କରନ୍ତେ, ପ୍ରକୃତରେ ଅବିଦ୍ୟା ଭଗାରୀ ସୃଷ୍ଟି କରୁଛି, ସମୟର ଦୋଷ ନୁହେଁ ସମୟ ହିଁ ନିୟତି ।

*'ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ*

# ନୂଆ ଜୀବନ ଓ ଆନନ୍ଦ ସନ୍ଧାନେ 'ଦି ବ୍ରେନ'


ଡାକ୍ତର ସମ୍ରାଟ କର

୨୦୨୧ ବେଳର କଥା, ଏକ ବର୍ଷଣମୁଖର ଅପରାହ୍ନରେ ଓଦା ସରସର ଦୁଇଟି ଛୁଆଙ୍କୁ ଧରି ଜଣେ ମହିଳା ଆମ କ୍ଲିନିକର ବାହାର ଗେଟରେ କରାଘାତ କରୁଥିଲେ । ପ୍ରଥମେ ପିନ୍ଧିବାକୁ ବସ୍ତ୍ର, ଖାଇବା ପିଇବା ପରେ ସେମାନେ ଆଶ୍ୱସ୍ତ ହୋଇଥିଲେ । ପୁରୀ ଅ*ଳର ସେହି ମହିଳାଙ୍କର ସମ୍ପତି ବାଡ଼ି ଓ ସବୁକିଛି ବନ୍ଧୁବର୍ଗ ଓ ପଡ଼ୋଶୀ ନେଇ ଯାଇଥିବାରୁ ସେମାନେ ସମ୍ପୂର୍ଣ୍ଣ ଅନାଥ ହୋଇଯାଇଛନ୍ତି । ତାଙ୍କର ମାନସିକ ଚିକିତ୍ସା ସହ ଦୁଇ ପିଲାଙ୍କ ପାଠପଢ଼ା ଆଉ ଆନୁସଙ୍ଗିକ ଖର୍ଚ୍ଚ ଦାୟିତ୍ୱ ନେଇଥିଲା ଦି'ବ୍ରେନ ଫାଉଣ୍ଡେସନ ଅନୁଷ୍ଠାନ । ସେହିପରି ବ୍ରହ୍ମପୁର ସୁଜାତା - ସୁମନ୍ତଙ୍କ ଘଟଣା ପୁରାପୁରି ଅଲଗା । ପରସ୍ପର ପରସ୍ପର ଚରିତ୍ରକୁ ସନ୍ଦେହ କରି ପ୍ରେମ ବିବାହର ଦିନ କେଇଟା ପରେ ଉଜୁଡ଼ି ଯାଉଥିବା ଦମ୍ପତି ଯେତେବେଳେ ଆମ ଅନୁଷ୍ଠାନରେ ପରାମର୍ଶ ପାଇଁ ଆସିଥିଲେ, ବେଶି କିଛି ନୁହେଁ କିଛି ଘ[। ଭିତରେ ପ୍ରାଥମିକ ଭାବେ ଓ କିଛି ଦିନ ଭିତରେ ଦୁଇ ଦୁଇଜଣଙ୍କୁ ପୁନର୍ବାର ଭଲ ପାଇବାକୁ ଅତୁଟ ରଖିବାର ନିଷ୍ପତି ନେଲେ । ଜଣେ ମାନସିକ ରୋଗ ବିଶେଷଜ୍ଞ ହିସାବରେ ମୋ ପାଇଁ ଏହା ଜୀବନର ଅନ୍ୟତମ ପ୍ରମୁଖ ଖୁସି । ନିତିଦିନ କ୍ଲିନିକ୍‌ରେ ଅନେକ ପ୍ରକାର ମାନସିକ ପରାମର୍ଶ, ଚିକିତ୍ସା ଓ ସହଯୋଗ ଚାହୁଁଥିବା ଭିନ୍ନ ଭିନ୍ନ ଚରିତ୍ରର ଲୋକମାନଙ୍କୁ ଦେଖିଥାଏ । ସେମାନଙ୍କ ଭିତରୁ ଅନେକ କେବଳ ପରାମର୍ଶରେ ହିଁ ସେମାନଙ୍କ ମାନସିକ ଚିକିତ୍ସା ଶେଷ ହୋଇଥାଏ । ଏପରି ଅନୁଭୂତି ମୋ ପାଇଁ କ୍ୱଚିତ ହୋଇପାରେ କିନ୍ତୁ ନିୟମିତ । ଯୁବ ବର୍ଗ, ନିଶା ସେବନ, ନିଶା ସେବନଜନିତ ଅପରାଧ ଭାବନା, ଆଜିର ସମାଜ ପାଇଁ ଏକ ବଡ଼ ଆହ୍ୱାନ । ଏ କ୍ଷେତ୍ରରେ ଅନେକ ପୀଡ଼ିତଙ୍କ ପରିବାର ବର୍ଗ ମୋ ପରାମର୍ଶ ଲୋଡ଼ି ଥିବାବେଳେ ସେମାନେ ପ୍ରାଥମିକ ଭାବେ ଚିକିତ୍ସା ହୁଅନ୍ତି, ମନସ୍ତାତ୍ୱିକ ପରାମର୍ଶ ସେମାନଙ୍କ ଜୀବନକୁ ବଦଳାଏ । ସେମାନଙ୍କ ଭିତରୁ କ୍ୱଚିତକୁ ଆମ ରିହାବିଲଟେସନ କେନ୍ଦ୍ରରେ ଏକ ସ୍ୱଳ୍ପକାଳୀନ ପରାମର୍ଶ ଯାହା ଦରକାର ପଡ଼ିଥାଏ । ସେହିପରି ପରିଣତ ବୟସର ବୟସ୍କ ନାଗରିକମାନେ ଆଜିକାଲି ଅନେକ କ୍ଷେତ୍ରରେ ବିଶେଷକରି ମାନସିକ ଭାବରେ ଏପରି ଦୁଃଖିତ ଓ ମର୍ମାହତ ଯେ ସେମାନଙ୍କୁ ଏହା ମାନସିକ ରୋଗୀରେ ପରିଣତ କରିଦିଏ । ସେମାନଙ୍କ ଭିତରୁ ଅନେକଙ୍କୁ ଦୀର୍ଘକାଳୀନ ପରାମର୍ଶ ଓ ଚିକିତ୍ସା ଦରକାର ପଡ଼ିଥାଏ । ପରିବାର ଠାରୁ ଦୂରରେ ରହି ଜୀବନର ଅପରାହ୍ନରେ ସାମ୍ନା କରୁଥିବା କଷ୍ଟକର ମୁହୂର୍ତ୍ତ ସେମାନଙ୍କୁ ଭିନ୍ନ ଏକ ମାନସିକ ପୀଡ଼ା ଦେଇଥାଏ । ଏପରି କ୍ଷେତ୍ରରେ ମୋ ପରାମର୍ଶ ସେମାନଙ୍କ ଜୀବନର ଶେଷ ସୂର୍ଯ୍ୟାସ୍ତ ମୁହୂର୍ତ୍ତକୁ କିନ୍ତୁ ନୂଆ ଆନନ୍ଦରେ ପରିଣତ କରିବାରେ ପରିଣତ କରିବାରେ ଯଥେଷ୍ଟ ହୋଇଥାଏ । ପ୍ରେମ, ଏ କ୍ଷେତ୍ର ଆଉ ଭାବନା, ପରାମର୍ଶ କଥା ଚିନ୍ତା କଲେ ମୋ କ୍ଲିନିକ୍‌ରେ ଏପରି ପୀଡ଼ିତ, ନିର୍ଯାତିତ, ଦୁଃଖିତ ଓ କେତେକ ଅସାମାଜିକ କାମରେ ମଧ୍ୟ ଲିପ୍ତ ସେମାନଙ୍କୁ ମୁଁ ସାମ୍ନା କଲାବେଳେ ସେମାନଙ୍କ ଜୀବନ ପୃଷ୍ଠାର କାହାଣୀ ଭିତରେ କିନ୍ତୁ ରହିଥାଏ ଏକ ଭିନ୍ନ ଜୀବନ, ଯେଉଁ ଜୀବନ ବର୍ତ୍ତମାନର ଜୀବନ ନୁହଁ । ବାସ୍ ସେମାନେ ହୁଅନ୍ତି ମୋ ପାଇଁ କେସ ଷ୍ଟଡି । ମାସ କେତେଟା ଭିତରେ ସେମାନେ ନୂଆ ଜୀବନ ରାସ୍ତାରେ ଆଗେଇ ଆନନ୍ଦ ପାଇବାର ମୁହୂର୍ତ୍ତକୁ ସମ୍ଭବତଃ ମୁଁ ଭାବେ ମୋ ଚିକିତ୍ସା କ୍ଷେତ୍ରର ସବୁଠାରୁ ବଡ଼ ଗୌରବପୂର୍ଣ୍ଣ ପ୍ରାପ୍ତି । ଦାମ୍ପତ୍ୟ ଭିତରେ କଳହ, ସନ୍ଦେହ, ବିଶେଷକରି ଗୁଣୀଗାରେଡ଼ି ପରି ଭୟଙ୍କର ଅନ୍ଧବିଶ୍ୱାସ ଆଜିର ମାନସିକ ଚିକିତ୍ସକ ବିଜ୍ଞାନ କ୍ଷେତ୍ରରେ ଏକ ନିତିଦିନିଆ ଘଟଣା କିନ୍ତୁ ଜୀବନକୁ ନିରୀକ୍ଷେଇ ଦେଖିଲେ ବାସ୍ତବିକ ନିଜ ଭିତରର କିଛି ଭ୍ରାନ୍ତି, ଉଦ୍‌ଭଟ ଓ ଭିନ୍ନ ବିଚାରଧାରା ଘଟଣାକୁ, ପରିବେଶକୁ କିଛି ବ୍ୟକ୍ତିବର୍ଗଙ୍କୁ ସେମାନଙ୍କ ନିଜ ରାସ୍ତାରୁ ପୃଥକ କରିଦେଇଥାଏ । ଜୀବନରେ ବାସ୍ତବିକ କେହି ଅପରାଧୀ ହୋଇ ଜନ୍ମ ହୋଇନଥାଏ । ମାନସିକ ଚିକିତ୍ସା ରୋଗ କ୍ଷେତ୍ରରେ ସବୁ ରୋଗୀ ପିଲାବେଳୁ ମାନସିକ ଭିନ୍ନକ୍ଷମ ନୁହଁନ୍ତି କିନ୍ତୁ କେତେକ କ୍ଷେତ୍ରରେ ସେମାନଙ୍କର ପରିବାରର ବିଶେଷ କରି ପିତାମାତାଙ୍କର ଦୁଃଖଦ ଘଟଣା ସେମାନଙ୍କୁ ପିଲାଟି ଦିନରୁ ହିଁ ଭିନ୍ନକ୍ଷମରେ ପରିଣତ କରିଦେଇଥାଏ । ଏପରି ପିଲାମାନଙ୍କୁ ଚିକିତ୍ସା ଓ ପରାମର୍ଶ ଦେବା କ୍ଷେତ୍ର ମୋତେ ଅନେକ ଭାବପ୍ରବଣତାକୁ ମଧ୍ୟ ସାମ୍ନା କରିବାକୁ ପଡ଼ିଥାଏ । ଏ ସବୁ ଭିତରେ ଗୋଟିଏ ହିଁ ଜୀବନ ଚିତ୍ର ତାହା ହେଉଛି ମାନସିକ ଭାବନାରେ ଦୁଃଖିତ ବା ପୀଡ଼ିତ ଜଣକୁ ଚିକିତ୍ସା ସେବା ଭିତରେ ମାନବୀୟ ମୂଲ୍ୟବୋଧ ରହିଥାଏ । ଅନେକ କ୍ଷେତ୍ରରେ ଏହି ଅନୁଷ୍ଠାନ ନିଜ ହାତରୁ ହିଁ ସେମାନଙ୍କ ପାଇଁ ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିଥାଏ । ବିଶ୍ୱସ୍ତରରେ ଖ୍ୟାତିସମ୍ପନ୍ନ ତଥା ଦି'ବ୍ରେନର ପ୍ରତିଷ୍ଠାତା ହେଉଛନ୍ତି ସ୍ୱର୍ଗତଃ ପ୍ରଫେସର ଡାକ୍ତର ଗୋପାଳ ଚନ୍ଦ୍ର କର । ଡକ୍ଟର ଗାୟତ୍ରୀ ଦେବୀ ହେଉଛି ଏହାର ଅନ୍ୟତମ ପ୍ରାଣ ପ୍ରତିଷ୍ଠାତ୍ରୀ । ମାନସିକ କ୍ଷେତ୍ରରେ ମୋର ଭଲଭାବେ ମନେ ଅଛି ବାପା ଅନେକ ମାନସିକ ପୀଡ଼ିତ ମାନଙ୍କ ପାଇଁ ପରବର୍ତୀ ସମୟରେ ସ୍ୱାଭାବିକ ଜୀବନ ନିର୍ବାହ କରୁଥିବା ଝିଅ ମାନଙ୍କ ବିବାହ ଦାୟିତ୍ୱ ନିଜେ ନିର୍ବାହ କରୁଥିଲେ । ଏକ ଘଟଣାରେ ମୋତେ ଜଣେ ଏହି କଥାଟିକୁ ମନେ ପକାଇ ଦେଇଥିଲେ । ଭାତ ହାଣ୍ଡିରୁ ଗୋଟିଏ ପରି ଏ ଅନୁଷ୍ଠାନ ପାଇଁ ଏହା ନିତିଦିନିଆ ପ୍ରାୟତଃ ଘଟଣା । ଆଜି ଦି'ବ୍ରେନ ଅନୁଷ୍ଠାନ ସମାଜରେ ମାନସିକ କ୍ଷେତ୍ରରେ ଅବହେଳିତ ଏବଂ ପରିଚୟହୀନ ମାନସିକ ଭିନ୍ନକ୍ଷମଙ୍କ ପାଇଁ ଅନୁଷ୍ଠାନ କାର୍ଯ୍ୟରତ । ଫାଉଣ୍ଡେସନର ରିହାବିଲ୍‌ଟେସନ କେନ୍ଦ୍ରରେ ଏହାର ଚିକିତ୍ସା, ପରାମର୍ଶ, ମନସ୍ତାତ୍ୱିକ ଉପଚାରର ସମସ୍ତ ବ୍ୟବସ୍ଥା କରାଯାଏ । ଜୀବନରେ ଆନନ୍ଦ ପରିପୂରଣ କରିବାରେ ଏହି ଅନୁଷ୍ଠାନ ନିଜକୁ ଆଗେଇ ନେବାରେ ସମସ୍ତଙ୍କ ଆଶୀର୍ବାଦ ଓ ଭଲ ପାଇବା କାମନା କରୁଛୁ ।

*ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,*
*ପୁରୀଘାଟ ରୋଡ, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

# ବନ୍ଦେ ମାତରମ୍ : ଭାରତର ଆତ୍ମା, ପ୍ରାଣ ଓ ପରିଚୟ


ଡ଼ଃ.ଅରୁନ୍ଧତୀ ଦେବୀ

'ବନ୍ଦେ ମାତରମ' ଦେଶକୁ ଏକତାର ସୂତ୍ରରେ ବାନ୍ଧି ରଖିବାର ମନ୍ତ୍ର ହେଉ, ବିଭାଜନର ନୁହେଁ । ଖୋଲା ମନରେ ଖୋଲା ହୃଦୟରେ ଏହି ଜାତୀୟ ଗାନକୁ ଆସନ୍ତୁ ଗାନ କରିବା । ପୁନର୍ବାର ଏହି ଗୀତକୁ ମୁକ୍ତ କଣ୍ଠରେ ଜୟଗାନ କରି ନୂଆ ଭାରତ ନିର୍ମାଣ କରିବାର ବେଳ ଆସିଛି । ନିକଟରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତି ଅବସରରେ ଓଡ଼ିଶା ବିଧାନସଭାରେ ଏ ନେଇ ସ୍ୱତନ୍ତ୍ର ସଂକଳ୍ପ ଆଗତ କରିଥିଲେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ । ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଏହି କାର୍ଯ୍ୟକ୍ରମକୁ ଅତ୍ୟନ୍ତ ଲୋକପ୍ରିୟ ଭାବେ ପାଳନ କରୁଛନ୍ତି । ବନ୍ଦେ ମାତରମ ଗାଥାକୁ ସ୍ମରଣ କରିବା ସୌଭାଗ୍ୟର ବିଷୟ । ସେହି ମନ୍ତ୍ରର ବିଜୟ ଧ୍ୱନି ସମଗ୍ର ଦେଶର ସ୍ୱାଧୀନତା ଆନ୍ଦୋଳନକୁ ଶକ୍ତିଶାଳୀ କରିଥିଲା ଓ ଜାତୀୟତାବୋଧକୁ ପ୍ରେରଣା ଦେଇଥିଲା । ବନ୍ଦେ ମାତରମ୍ ଏକ ଗୀତ ନୁହେଁ, ଏହା ଭାରତର ଆତ୍ମା । ଏଇ ଗୀତ ଆମକୁ ମନେ ପକାଇ ଦିଏ ସଂଘର୍ଷଭରା ସ୍ୱାଧୀନତା ସଂଗ୍ରାମ କଥା । ଏହି ରାଷ୍ଟ୍ରଗୀତ ଆମ ଶିରା ପ୍ରଶିରାରେ ପ୍ରବାହିତ ହେଉଥିବା ରକ୍ତର ବେଗ ଓ ପ୍ରଶ୍ୱାସର ଗତି ସହିତ ଜଡ଼ିତ । ପ୍ରଥମ ଥର ପାଇଁ ଭାରତ ଭୂଖଣ୍ଡକୁ ଭାରତ ମାତା ରୂପେ ବର୍ଣ୍ଣନା କରି ଏହି ସଂଗୀତ ଲେଖାଯାଇଥିଲା । ଲୋକଙ୍କ ଭିତରେ ଏହା ଏକ ବୈପ୍ଳବିକ ମନୋଭାବ ସୃଷ୍ଟି କରିଥିଲା । ସ୍ୱାଧୀନତା ପର ଠାରୁ ଏହାକୁ ରାଷ୍ଟ୍ର ଗୀତ ଭାବେ ମର୍ଯ୍ୟାଦା ଦିଆଯାଇଛି । ଖୁସିର ଭାରତର ଯଶସ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଏସବୁ ଭାବନାକୁ ପୁଣି ଜାଗ୍ରତ କରିବା ପାଇଁ ବନ୍ଦେ ମାତରମ ପରି ରାଷ୍ଟ୍ରଗୀତକୁ ଉତ୍ସବ ଆକରରେ ପାଳିବା ପାଇଁ ନିଷ୍ପତି ନେଇଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଓଡ଼ିଶାର ପ୍ରତି ଜିଲ୍ଲା, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଏବଂ ସାଂସ୍କୃତିକ କେନ୍ଦ୍ରରେ ବନ୍ଦେ ମାତରମ୍ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି । ଅତୀତର ସେହି ସ୍ମୃତି ସବୁ ଇତିହାସରେ ଚିର ବହ୍ନିମାନ ହୋଇ ରହିବ, ବନ୍ଦେ ମାତରମର ୫୦ତମ ବାର୍ଷିକୀ ସମୟରେ ଦେଶକୁ ଦାସତ୍ୱରେ ରହିବାକୁ ବାଧ୍ୟ କରାଯାଇଥିଲା । ଇଂରେଜମାନେ ଯେତେବେଳେ ଭାରତକୁ ଭାଗ ଭାଗ କରିବା ପାଇଁ ଚାହିଁଥିଲେ ସେତେବେଳେ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିଥିଲା । ଐତିହାସିକ ତଥ୍ୟ ଅନୁଯାୟୀ ଇଂରେଜମାନେ ଭାରତକୁ ଭାଗ ଭାଗ କରିବା ଲାଗି ବେଙ୍ଗଲକୁ ବାଛି ଥିଲେ । ୧୮୫୭ ବିଦ୍ରୋହ ପରେ ସେମାନେ ଜାଣିଗଲେ ଯେ ଯେଉଁ ଉଦ୍ଦେଶ୍ୟ ନେଇ ସେମାନେ ଆସିଥିଲେ ଭାରତରେ ଆଉ ବେଶି ଦିନ ରହିବା ସମ୍ଭବ ହେବନାହିଁ । ତେଣୁ ସେମାନେ ଭାରତକୁ ଦୁଇ ଭାଗ କରିବାକୁ ଚାହିଁଲେ । ବିଭାଜନ ରାଜନୀତି ଆରମ୍ଭ କଲେ, ବେଙ୍ଗଲକୁ ପ୍ରୟୋଗଶାଳା ବନାଇଲେ । ସେତେବେଳେ ବେଙ୍ଗଲର ବୌଦ୍ଧିକ ସାମର୍ଥ୍ୟ ଦେଶକୁ ଦିଶା ଦେଖାଉ ଥିଲା ସେଥିପାଇଁ ଇଂରେଜମାନେ ବେଙ୍ଗଲକୁ ଭାଗ ଭାଗ କରିବା ଆରମ୍ଭ କରିଥିଲେ । ୧୯୦୫ରେ ସେମାନେ ବେଙ୍ଗଲର ବିଭାଜନ କଲେ । ଇଂରେଜମାନେ ଏହି ପାପ କରିବା ସମୟରେ ବନ୍ଦେ ମାତରମ୍ ଚଟାଣ ଭଳି ରହିଥିଲା । ସେତେବେଳେ ବନ୍ଦେ ମାତରମ୍ ବେଙ୍ଗଲର ଏକତା ପାଇଁ ଗଳି ଗଳିର ସ୍ୱର ପାଲଟିଥିଲା । ବେଙ୍ଗଲକୁ ବିଭାଜନ କରିବା ପରେ ଭାରତକୁ ଭାଙ୍ଗିବା ଲାଗି ଇଂରେଜମାନେ ବୀଜ ରୋପଣ କରିଥିଲେ କିନ୍ତୁ ବନ୍ଦେ ମାତରମ୍ ଏକ ସ୍ୱର ଓ ଏକ ସୂତ୍ର ଭାବେ ଇଂରେଜ ଶାସକଙ୍କ ପାଇଁ ଆହ୍ୱାନ ପାଲଟିଥିଲା । ବେଙ୍ଗଲ ବିଭାଜନ ତ ଘଟିଲା କିନ୍ତୁ ଏକ ବହୁତ ବଡ଼ ସ୍ୱଦେଶୀ ଆନ୍ଦୋଳନ ମୁଣ୍ଡ ଟେକିଲା । ଇଂରେଜମାନେ ବୁଝି ସାରିଥିଲେ ଯେ ବେଙ୍ଗଲ ମାଟିରୁ ବଙ୍କିମ ଚାଟାର୍ଜୀଙ୍କର ଯେଉଁ ସ୍ୱର ବାହାରିଛି ତାହା ସେମାନଙ୍କୁ ଦୋହଲାଇ ଦେଇଛି । ତେଣୁ ସେମାନେ ଏହି ରାଷ୍ଟ୍ରଗୀତ ଉପରେ ତତ୍କାଳୀନ ସମୟରେ ଆଇନଗତ ପ୍ରତିବନ୍ଧକ ଆରମ୍ଭ କରିଥିଲେ । ଏହି ଗୀତ ସହ ଏହାକୁ ଗାଇବା ଓ ଛପାଇବା ଲାଗି ଦଣ୍ଡ ବିଧାନ କରାଗଲା । କିନ୍ତୁ ସେତେବେଳକୁ ଏହା ପ୍ରତ୍ୟେକ ଭାରତୀୟଙ୍କ ସ୍ୱର ପାଲଟି ସାରିଥିଲା । ବନ୍ଦେ ମାତରମ୍ ପାଇଁ ଅନେକ ପିଲା ଓ ମହିଳା ଗୋରା ସରକାରଙ୍କ ଚାବୁକ ମାଡ଼ ଖାଇବା ସହ ଜୀବନ ମଧ୍ୟ ହାରି ଥିଲେ । ବିଶ୍ୱ ଇତିହାସରେ ଏଭଳି କୌଣସି ସଂଗୀତ କିମ୍ବା ଗୀତ ନାହିଁ ଯାହାକି ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କୁ ଶତାବ୍ଦୀ ଶତାବ୍ଦୀ ଧରି ପ୍ରେରଣା ଦେଇ ଆସିଛି ସେଥିପାଇଁ ରବୀନ୍ଦ୍ର ଟାଗୋର ଲେଖିଥିଲେ 'ଏକ ସୂତ୍ରରେ ବନ୍ଧା ହଜାରେ ମନ, ଗୋଟିଏ କାମ ପାଇଁ ସମର୍ପିତ ହଜାରେ ଜୀବନ - ବନ୍ଦେ ମାତରମ୍' । ସ୍ୱାଧୀନତା ସମୟରେ ବନ୍ଦେ ମାତରମ୍ ଗାନ୍ଧିଜୀଙ୍କୁ ପସନ୍ଦ ଆସିଥିଲା । ସେ ଏହି ଗୀତକୁ ରାଷ୍ଟ୍ରଗୀତ ଭାବେ ଦେଖିଥିଲେ । ଗାନ୍ଧିଜୀଙ୍କ ଲାଗି ଏହି ଗୀତର ଶକ୍ତି ବଢ଼ିଥିଲା । ଗାନ୍ଧିଜୀ ଲେଖିଥିଲେ 'ଏହାର ଭାବନା ମହାନ, ଅନ୍ୟ ଗୀତ ଅପେକ୍ଷା ମଧୁର । ଏହାର ଏକ ମାତ୍ର ଉଦ୍ଦେଶ୍ୟ ଆମ ଭିତରେ ଦେଶପ୍ରେମର ଭାବନା ଉଦ୍ରେକ କରିବା । ଗାନ୍ଧିଜୀ ଏହି ଗୀତକୁ ଭାରତ ମାତା ଭାବରେ ଦେଖିବା ଓ ସମ୍ମାନ କରିବା ଭାବରେ ବର୍ଣ୍ଣନା କରିଥିଲେ । ଯେତେବେଳେ ଭାରତ କୌଣସି ସଂକଟର ସମ୍ମୁଖୀନ ହୋଇଛି ଦେଶ ବନ୍ଦେ ମାତରମ୍ ଭାବନା ସହିତ ଆଗକୁ ବଢ଼ିଛି । ଆଜି ବି ଅଗଷ୍ଟ ୧୫ ଓ ଜାନୁଆରୀ ୨୬ ଭଳି ଅବସରରେ ଏହି ଆତ୍ମା ସବୁଠାରେ ଦୃଶ୍ୟମାନ ହୁଏ କାରଣ ସମସ୍ତଙ୍କ ଘରେ ଗର୍ବର ସହିତ ତ୍ରିରଙ୍ଗା ଉଡେ । ଏହି ଭାବନା ସହିତ ଆଗକୁ ବଢ଼ିବା ସହିତ ଆତ୍ମ ନିର୍ଭର ଭାରତ ଗଢ଼ିବା ଓ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ସ୍ୱପ୍ନ ପୂରଣ କରିବା ଦିଗରେ ଆସନ୍ତୁ ଆମେ ସମସ୍ତେ କାର୍ଯ୍ୟ କରିବା । ଅତୀତର ଏକ ସ୍ମୃତି ମନେଅଛି, ଯେତେବେଳେ ବନ୍ଦେ ମାତରମର ୧୦୦ତମ ବାର୍ଷିକ ପାଳନ କରାଗଲା, ସେତେବେଳେ ଦେଶକୁ ଜରୁରୀକାଳୀନ ପରିସ୍ଥିତିର ଶିକୁଳିରେ ବାନ୍ଧି ଦିଆଯାଇଥିଲା । ଏ ବେଦନା ଆମ ସମସ୍ତଙ୍କୁ ସତର୍କ କରିଦିଏ, ଯେପରି ଏଭଳି ପରିସ୍ଥିତି ସ୍ୱାଧୀନ ଭାରତରେ ଆଉ କେବେ ବି ନ ଆସୁ । 'ବନ୍ଦେ ମାତରମ୍' ଆମ ପାଇଁ ଏହି ସଂକଳ୍ପକୁ ପୁନରାବୃତି କରିବାର ଏକ ମହାନ ସୁଯୋଗ । ବନ୍ଦେ ମାତରମ୍ ହେଉଛି ରାଷ୍ଟ୍ରର ପ୍ରକୃତ ଶକ୍ତି । ବନ୍ଦେ ମାତରମ୍ ସଂଗୀତରୁ ନୂତନ ଶକ୍ତି ଏବଂ ପ୍ରେରଣା ନେଇ ଆମେ ସମସ୍ତେ ଏକ ବୃହତର ସମାଜର ବୃହତର ରାଜ୍ୟର ବୃହତର ରାଷ୍ଟ୍ରକୁ ବେଗବାନ କରାଇବା, ଆଗେଇ ନେବା ଏବଂ ନିଜକୁ ସମର୍ପିତ କରିବା । ବାସ୍ତବିକ ବନ୍ଦେ ମାତରମ ଏକ ସଙ୍ଗୀତ ନୁହେଁ, ଏହା ଭାରତର ଆତ୍ମା, ପ୍ରାଣ ଓ ପରିଚୟ । ଏହା ଚିରକାଳ ଭାରତୀୟଙ୍କ ଆତ୍ମାକୁ ଜାଗ୍ରତ କରୁଥିବ । ଏହା ସଭିଙ୍କୁ ଏଇଠି ରଖିବା ସହ ଯୋଡ଼ିବାର ଗୀତ ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ*
*ଅଶୋଭନୀୟତା ନିରୋଧ ଆନ୍ଦୋଳନ,*
*କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

# ସାଇନୋସାଇଟିସ ଓ ସର୍ଦ୍ଦି


ନାରାୟଣ ଚନ୍ଦ୍ର ବିଶ୍ୱାଳ

ଏ ବର୍ଷ ଶୀତ ମାଉସୀ ଭାରି କଡ଼ା ହେଲାଣି । ସମଗ୍ର ଶୀତର ଜଡ଼ସଡ଼ ରାଜ୍ୟବାସୀଙ୍କୁ ଅସ୍ୱସ୍ତିକର ଥଣ୍ଡା ଭିତରକୁ ଠେଲିଲାଣି । କେହି କେହି ଭାବନ୍ତି ଥଣ୍ଡା ଓ ସର୍ଦ୍ଦି କେବଳ ଶୀତ ବା ବର୍ଷା ଦିନରେ ହୋଇଥାଏ । ଖରା ଦିନେ ବି ଏହି ଲକ୍ଷଣ କିଛିଙ୍କ ଠାରେ ଦେଖାଯାଏ ତଥାପି ଶୀତଋତୁରେ ଏହାର ପ୍ରକୋପ ବଢ଼ିଥାଏ । ଥଣ୍ଡା କାରଣରୁ ସକାଳୁ ଉଠିବା କ୍ଷଣି ବାରମ୍ବାର ଛିଙ୍କ ଆସିଥାଏ । ଏହାର କାରଣ ହେଉଛି ସୋଇନୋସାଇଟିସ ସମସ୍ୟା । ଏହି ସମସ୍ୟା ବଢ଼ିବା ଯୋଗୁଁ ଲଗାତର ସର୍ଦ୍ଦି ଥଣ୍ଡା ଲାଗିଥାଏ । ଶୀତ ଦିନରେ ସର୍ଦ୍ଦି ଓ ସାଇନୋସାଇଟିସ୍ ବିଶେଷ ଭାବେ ଛୋଟପିଲା ଓ ବୟସ୍କ ଲୋକଙ୍କୁ ବେଶୀ ଆକ୍ରାନ୍ତ କରିଥାଏ । ସୂର୍ଯ୍ୟ ଉପରକୁ ଉଠିବା ସଙ୍ଗେ ସଙ୍ଗେ ଦିନର ତାପମାତ୍ରା ବଢ଼ିବା ସହିତ କପାଳ ବିନ୍ଧିବା ବଢ଼ିଚାଲେ । ଧିରେ ଧିରେ ସୂର୍ଯ୍ୟଙ୍କର ପ୍ରକୋପ କମିବା ସଙ୍ଗେ ସଙ୍ଗେ ଦିନର ତାପମାତ୍ରା କମିଲେ କପାଳ ବିନ୍ଧା କମି କମି ଯାଏ । ଯଦି ଆପଣ ଟେନସନ ରହୁଛନ୍ତି କିମ୍ବା କର୍ତବ୍ୟ ବା ଘରୋଇ ମାନସିକ ଚାପର ଶିକାର ହେଉଛନ୍ତି ତାହେଲେ ବୁଝାଯିବ ଆପଣ ନିମନ୍ତ୍ରଣ କରି ଏହି ରୋଗକୁ ଡାକୁଛନ୍ତି । କାରଣ ମାନସିକ ଚାପ ସାଇନୋସାଇଟିସ୍ ସମ୍ଭାବନାକୁ ବଢ଼ାଇ ଦେଇଥାଏ । ସେହିପରି ଯେଉଁ ମାନଙ୍କର ଅଧିକ ଦିନ ପର୍ଯ୍ୟନ୍ତ ଲଗାତାର ଥଣ୍ଡା ଦେହରେ ରହେ ସେମାନେ ମଧ୍ୟ ଏହି ସମସ୍ୟାର ସହଜ ଶିକାର ହୋଇଥାନ୍ତି । ଉପବାସ ବା ଖାଦ୍ୟପେୟର ଅନିୟମିତତା ରହିଲେ ଏହି ସମ୍ଭାବନା ସୁନିଶ୍ଚିତ । ଧୂଳି ଓ ଧୂଆଁ ଏ ପରିସ୍ଥିତିକୁ ଆହୁରି ସଙ୍ଗୀନ କରିଦିଏ । ଜଣେ ଥଣ୍ଡାର ଶିକାର ହେଲେ କଫ ଦୋଶ ବଢ଼ିବା ସହ ଏହା ଛାତିରେ ଜମାଟ ବାନ୍ଧି ଦେଇଥାଏ । ଫଳରେ ଥଣ୍ଡା ଛାତିକୁ ସଂକ୍ରମଣ କରିବା ସହ ସହଜରେ ଶରୀରରୁ ବିଦାୟ ନେଇନଥାଏ ଓ ଶ୍ୱାସପ୍ରଶ୍ୱାସ ଅସ୍ୱସ୍ତିକର ହୋଇପଡ଼େ । ବର୍ତମାନ ଯେଉଁପରି ଭାବରେ ବାୟୁ ପ୍ରଦୂଷଣ ବଢୁଛି ଓ ବିଭିନ୍ନ ରାସାୟନିକ ବର୍ଜ୍ୟ ବସ୍ତୁ, ଧୂଆଁ ବା ପ୍ରସ୍ତୁତିର ବର୍ଜ୍ୟ ପଦାର୍ଥ ନିଃଶ୍ୱାସକୁ ଗୁରୁତର ଭାବେ ଛାତି ଭିତରକୁ ନେଇଯାଏ । ବିଭିନ୍ନ କଳକାରଖାନା, କୋଇଲା ବା ପେଟ୍ରୋଲ ପୋଡ଼ା ହୋଇ ପ୍ରସ୍ତୁତ ହେଉଥିବା ଶିଳ୍ପ ସଂସ୍ଥାର ବିଶେଷ କରି ଶ୍ରମିକମାନେ ଏହି ରାସାୟନିକ ଗ୍ୟାସର ଶିକାର ହେବା ଦ୍ୱାରା ଥଣ୍ଡା, ସର୍ଦ୍ଦି ଓ ସାଇନୋସାଇଟିସ୍‌କୁ ସାମ୍ନା କରିଥାନ୍ତି । କେତେକଙ୍କ କ୍ଷେତ୍ରରେ ନାକରୁ ପାଣି ବାହାରିବା ସହ ଗଳରେ ଜଳାପୋଡ଼ା ଅନୁଭବ ହୁଏ । କେତେକ କ୍ଷେତ୍ରରେ ଜନ୍ମଗତ କାରଣରୁ ବା ଦୁର୍ଘଟଣା କାରଣରୁ ନାକର ମଝିହାଡ଼ ବଙ୍କା ରହିବା ଦ୍ୱାରା ବାରମ୍ବାର ସର୍ଦ୍ଦି ଲାଗିରହେ ଯାହାକି ସାଇନୋସାଇଟିସ୍‌ର ମୁଖ୍ୟ କାରଣ ।ଯଦି ମ୍ୟୁକସ୍ (କଫ/ଶିଙ୍ଘାଣି) ଜଣଙ୍କର ଅଧିକ ମାତ୍ରାରେ ରହେ ତେବେ ଘରୋଇ ଭାବେ ବାମ୍ଫ ନିଅନ୍ତୁ । କାରଣ ଏହା କଫ ତରଳେଇ ଥାଏ ଓ ନାକ ଭିତରେ ରନ୍ଧ୍ର ମାନଙ୍କୁ ଖୋଲି ଦେଇଥାଏ । ବାମ୍ଫ ପାଇଁ ଗରମ ପାଣିରେ ଅଳ୍ପ କର୍ପୁର ମିଶାନ୍ତୁ ବା ବଜାରରେ ମିଳୁଥିବା 'କାରାଭଲ ପ୍ଲସ' କ୍ୟାପସୁଲ ଗରମ ପାଣିରେ ପକାଇ ଏକ ମୋଟା ଚାଦର ବା କମ୍ବଳରେ ନିଜକୁ ଆବୃତ କରି ସେହି ବାମ୍ଫକୁ ଭଲ ଭାବେ ପାଟିବାଟେ ଓ ନାକ ବାଟେ ପୃଥକ ପୃଥକ ଭାବେ ଭିତରକୁ ନିଅନ୍ତୁ । ସେହିଭଳି ଶୀତ ଦିନରେ ନଖ ଉଷୁମ ପାଣି ପିଅନ୍ତୁ ଏହା କଫ ପତଳା କରିବା ସହ ନାକର ବ୍ଲକେଜ ସମସ୍ୟାକୁ ଦୂର କରିଦେବ । ଶୀତ ଦିନେ ରାତିରେ ଶୋଇବା ବେଳେ କାନରେ ତୁଳା ଦେବା ଖୁବ୍ ଭଲ । ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ ଅଧିକ ମାତ୍ରାରେ ପାଣି ପିଅନ୍ତୁ । ଏଥିରେ କଫ ପତଳା ହୋଇଯାଇଥାଏ ଓ ନାକରୁ ବ୍ଲକେଜ ଦୂରକରିଥାଏ । ଯାହାଫଳରେ ସାଇନୋସାଇଟ୍‌ର ଭୟ କମ ରହିଥାଏ । ସାଇନୋସାଇଟିସ୍ ଓ ସର୍ଦ୍ଦିକୁ ହାଲ୍‌କା ଭାବନ୍ତୁନି । ଏଥିରୁ ମୁକ୍ତି ପାଇବାକୁ ହେଲେ ସକାଳୁ ବିଛଣା ଛାଡ଼ିବା ପରେ ଓ ରାତିରେ ଶୋଇବା ପୂର୍ବରୁ ନାକରେ ଉଷୁମ ଲୁଣ ପାଣିକୁ ଜଳନେତି ଭାବେ ଆର୍ୟୁବେଦିୟ ଉପଚାର କଲେ ଖୁବ୍ ଭଲ । ହଁ, ଆଉଗୋଟିଏ କଥା, ଧୂଳିମାଟି ପରିବେଶ ଏହି ରୋଗକୁ ବଢ଼ାଇଥାଏ ସେହିପରି ଘରେ ଗୃହପାଳିତ ପଶୁ ରଖୁଥିଲେ ସେ ଦିଗକୁ ସଚେତନ ରୁହନ୍ତୁ । ଆପଣଙ୍କ ଶୋଇବା ଘର ଭିତରକୁ ଯେପରି ପର୍ଯ୍ୟାପ୍ତ ସୂର୍ଯ୍ୟକିରଣ ପଡ଼ିବ ଓ ମୁକ୍ତ ବାୟୁ ଚଳପ୍ରଚଳ ହୋଇପାରିବ ସେ ଦିଗକୁ ଅଣଦେଖା କରନ୍ତୁନି । ମଶାଧୂପ ଓ ଆପଣ ଠାକୁରଙ୍କ ପାଖରେ ଲଗାଉଥିବା ମୋଟା ମୋଟା ଧୂପ ଏପରିକି ଝୁଣା ଧୂଆଁକୁ ଅଣଦେଖା କରନ୍ତୁନି । କେତେକ କ୍ଷେତ୍ରରେ ଏହାପାଇଁ ଅସ୍ତ୍ରୋପଚାର ଆବଶ୍ୟକ ହୋଇଥାଏ କିନ୍ତୁ ଏହା ଯେ ସମସ୍ତଙ୍କ କ୍ଷେତ୍ରରେ ସଫଳ ହେବ ତାର କିଛି ମାନେ ନଥାଏ । ସାଇନୋସାଇଟିସ୍ ସମସ୍ୟା ସମୟରେ କୌଣସି ପରିସ୍ଥିତିରେ ଥଣ୍ଡାଖାଦ୍ୟ, ବାଶି ଖାଦ୍ୟ, ଥଣ୍ଡା ପାନୀୟ ଆଦୌ ଗ୍ରହଣ କରନ୍ତୁ ନାହିଁ । ନିଶାଦ୍ରବ୍ୟ ସେବନ ନକରିବା ସବୁଠାରୁ ଭଲ । ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଋତୁରେ ହଜମ ପ୍ରକ୍ରିୟା ସ୍ୱାଭାବିକ ରହିନଥାଏ ତେଣୁ ଅଧିକ ପରିମାଣର ଗରିଷ୍ଠ ଖାଦ୍ୟ ଗ୍ରହଣ କରନ୍ତୁ ନାହିଁ । ସାଇନୋସାଇଟିସ୍‌କୁ ନେଇ ଚିନ୍ତିତ ହୁଅନ୍ତୁ ନାହିଁ ଉପରୋକ୍ତ ପରାମର୍ଶ ଗ୍ରହଣ କଲେ ଦେଖିବେ ଏହା ଆପଣଙ୍କ ଶରୀରରୁ ଛୁ ମନ୍ତର ହୋଇଯିବ ।

*ବାକ୍‌ଶ୍ରବଣ ବିଶେଷଜ୍ଞ, କାଠଗୋଲା*
*ରୋଡ଼, ମଙ୍ଗଳାବାଗ, କଟକ,*
*ଦୂରଭାଷ : ୯୪୩୮୨୭୬୭୬୦*

